କବି ଗୋପୀନାଥ କୃତ

ମୁକୁଟା ବୋଲି

-ପ୍ରକାଶକ - ଶ୍ରୀ ରାଧାରମଣ ପୁସ୍ତକାଳୟ

* ନୂତନ ମୁଦ୍ରଣ *

ପ୍ରାପ୍ତିସ୍ଥାନ :—

ଶ୍ରୀ ରାଧାରମଣ - ପୁସ୍ତକାଳୟ

ବାଲୁବଜାର, କଟକ

ପୋ: ଚାନ୍ଦନୀଚୌକ

ମୂଲ୍ୟ ୦ ୦ /୬ ଛଅ ପଇସା ମାତ୍ର

Digitized by srujan ka@gmail.com

ମୁକୁତା ବୋଲି

ଗୁଣସାଗର ବୃତ୍ତେ

ରାମ ଭଜ ମନ । ଗୋବିନ୍ଦ ଭଜ ରେ ଭଜ ଶ୍ରୀଗୁରୁ ଚରଣ । ଭଜି ନ ପାରିଲେ ବାଇଆ ମନ ରେ । ବାନ୍ଧିନେବ ଜନ୍ମରାଣ । ଏ ମାୟା ସଂସାର କେହି ନୁହେ କାର ମାୟା ଖେଳଘର ପରି । ଜାଣି ବଙ୍ଗରାଜା ସବୁ କରି ତେଜ୍ୟା ଯୋଗୀ ହେଲେ ଗୁରୁ କରି । ତାଙ୍କ ମା ମୁକୁତା ବୋଇଲେ ରେ ପୁତା । ଯୋଗୀ ହୋଇ ଯାଅ ଚଳି । ମୋ କଥା ମାନିଲେ ଚାରିଯୁଗେ ଥିବୁ ଏ ଦେହ ନ ଯିବ ଟଳି । ଅଜର ଅମର ହୋଇବୁ କୁମର ଛୁଇଁ ନ ପାରିବ ଯମ । ବଡ଼ ପ୍ରତାପୀ ସେ ଦାରୁଣ ଯମ ରେ ନାହିଁ ତା ତଳେ ଧରମ । ମାତାର ଏ ବାଣୀ ଶୁଣି ପୁତ୍ରମଣି ବୋଲନ୍ତି ଶୁଣ ଜନନି । ଅଜ୍ଞାନର କାଳେ ବାଳ-କ୍ରୀଡ଼ାବେଳେ ଯୋଗୀ ନ କଲି କ ଘେନି । ୫ । ନାହିଁ ସାତ ପାଞ୍ଚ କୁମର ଗୋ ମାଏ ଏକା ମୁହିଁ ଗୋବିନ୍ଦାଇ । ମୋତେ ଯୋଗୀ କଲେ କେମନ୍ତେ ବଞ୍ଚିବୁ କହ ମା ମୁକୁତା ଦେଈ । ବୋଲନ୍ତି ଜନନୀ ଶୁଣ ରେ ଗୋବିନ୍ଦ ନ କର ମନେ ଭାଳେଣି । ଯାହା ବୋଲି ତୁହି କେମନ୍ତେ ବଞ୍ଚିବୁ ଶୁଣ ତା କହୁଛିପୁଣି । ପିତା ମାତା ଭାଇ ବନ୍ଧୁ କୁଟୁମ୍ବାଦି ଏ ସବୁ ମାୟା ବନ୍ଧନ । ଏକା ମାତା ସାତ ଭାଉଣୀରୁ ବଳି ଶୁଣିଥିବୁ ଏ ବଚନ । ଯୋଗୀ ହେଲେ ତୁହି କୁମରମଣି ରେ ମୋ ମନ ହେବ ସୁଫଳ । ଏହି ଦେହେ ବଳା । ଯୁଗ ଯୁଗ ଥିବୁ ନ ଟଳିବ ରୁମମୂଳ । ତୋର ପିତା ନାମ ମାଣିକ୍ୟଚନ୍ଦ୍ର ରେ ମାଣିକ୍ୟ ପରି ତା ଦେହ । ମରିଗଲାବେଳେ ସେହି ରେ କୁମର କେହି ନ ଗଲେ ତା ସହ । ୧୦ । ଏହି ଘୋଡ଼ା ହାତୀ କୋଠା ବାଡ଼ି ବୃତ୍ତି ଥିଲା ପିତାର ତୋହର । ମରିଗଲା ବେଳେ ବାପ, ରେ କୁମର ଗଲା ଭଙ୍ଗା ପଲଙ୍କର । କେତେ ତାର ସଙ୍ଗୀ ଥିଲେ ରେ ଗୋବିନ୍ଦ ମୁଁ

Digitized by srujan ka@gmail.com

ଥିଲି ଭ୍ରତଯା ଭାବ । ସକଳେ ରହିଲେ ଏକା ସେ ଚଳିଲେ ବୁଝଂ
ତୁ ଏକଥା ସାର । ତୁ ଯାହା ବୋଲୁଛୁ କୁମରରମଣି ରେ ଧନ ଦାସୀ
ସବୁ ମୋର । ଏ ସକଳ ମାୟା ଏ ସଂସାର ମାୟା ନ ଯିବେ କେ
ତୋ ସଙ୍ଗର । କହନ୍ତି କୁମର ଶୁଣ ଗୋ ଜନନି ଶୁଣ ମା ମୁକୁତା
ଦେଈ । ଯୋଗୀ କରିବାକୁ ଥିଲ ଯେବେ ମନେ ବେଳୁଁ ନ କଲୁ
କିପାଇଁ । ଯୌବନକାଳେ କଉତୁକଭୋଳେ ରଙ୍ଗପସର ତୁ ଦେଲୁ ।
ଭଲ ଭଲ ଘର ଝିଅମାନ ଆଣି କାହିଁ ମୋତେ ବିଭା କଲୁ । ୧୫ ।
ସତର ବରଷେ ଅଠର ଗଣ୍ଡା ଯେ ବାଛି କନ୍ୟା ଦେଲୁ ବିଭା । ସେ
କନ୍ୟାଙ୍କ ଶୋଭା ଦେଖି ମନୋଲୋଭା କପର ତେଜିବି ଅବା ।
କନ୍ୟାଙ୍କର ନାମ ଶୋଭା ଲୋଭା ସମ କେତେ ବା କହିବି ମୁହିଁ ।
ଶୋଭା ଦେଖି ଲୋଭା ନୋହିବ କେ ଅବା ଯୋଗ ତେଜିବେ
ଯୋଗୀହିଁ । କାହା ନାମ ହୀରା କାହା ନାମ ଲୀଳା କାହା ନାମ
ଗଜମୋତି । କେ ଗାଏ ସୁତାନେ କେ ବାଏ ବୀତାନେ ଦେଖିଲେ
ହଜାଏ ଧୃତି । ବେଦମା ଗୋଦମା ଏ ଦୁଇ କନ୍ୟା ମା ସତେ କି
ସରଗ ପରୀ । ପଦ୍ମିନୀ କନ୍ୟା ସେ ନ ଥିବେ ଧରାରେ କଥାକେ ଫୁଟେ
ମାଧୁରୀ । ବରଷେ ଅମୃତ ହସନ୍ତେ ସେ ମାତ କି ଛାର ସରଗସୁଧା ।
ସବୁରାଣୀ ମଧ୍ୟେ ପାଟରାଣୀ ପଦେ ବଢ଼ାନ୍ତି ଶୋଭା ବସୁଧା । ୨୦ ।
ବେଦମା ରାଣୀକୁ ସଙ୍ଗେ ମୋର ଦିଅ ଲଭିଥାଳ କରିଥିବ । ଗୋଦ-
ମାକୁ ମାଳା କରି ଗୋ ଜନନି ଗଳେ ନେଇ ବୁଲୁଥିବ । ଇନ୍ଦୁମୁଖୀ
ରାଣୀ ଦିଅ ମୋ ସଙ୍ଗତେ ଝୁଲୁ କରିଥିବ ଗଲେ । ସରସ୍ୱତୀ କନ୍ୟା
ରାଜ ରାଜଜେମା ଦେଲେ ଦାନ ନେବି ଭୋଳେ । କମଳା ବିମଳା
ଅଙ୍ଗ ଭଙ୍ଗୀ ଲୀଳା ପର କେ କରିବ ଲୀଳା । ଏହି ଛଅ କନ୍ୟା
ଦେଲେ ମୁଁ ଜନନୀ ଯୋଗରେ କରିବି ଖେଳା । ବୋଲନ୍ତି ମୁକୁତା
ଶୁଣ ତୁ ଗୋବିନ୍ଦ ହେଲୁ କି ଅଜ୍ଞାନେ ବାଇ । ହିତବାଣୀ ତୋତେ
ବୁଝାଇ କହିଲି ନ ବୁଝିଲୁ ଗୋବିନ୍ଦାଇ । ଯେଉଁ ଛଅ କନ୍ୟା କହିଲୁ

Digitized by srujan ka@gmail.com

ଧନ ରେ ବାଘୁଣୀରୂପୀ ସେମାନେ । ତାଙ୍କୁ ନେଲେ ସଙ୍ଗେ ଗଲାକୁ ପ୍ରାଣ ସେ ହୋଇବେ ଯୋଗ ଲଗନେ । ୨୫ । ଜୋରୁ ଗୋରୁ ମଠ ଛନ୍ନ ନଷ୍ଟଘଟ ପ୍ରତ୍ୟକ୍ଷେ ଅଗ୍ନି ତୁ ଜାଣ । କପଟେ ପୁରୁଷ ନାଶନ୍ତି କ୍ଷଣେ ସେ ଜାଣି ନୁହେ ତାଙ୍କ ମନ । ସୁନ୍ଦରୀ ଯୋଷାକୁ ପୁରୁଷ ନାଶକୁ ନ ଲଗେ ବେଶୀ ବିଳମ୍ବ । ବେଦମା ଗୋଦମା ତୋ ପ୍ରାଣ ବଇରି ନ ଜାଣୁ ତୁ ତାଙ୍କ ଦମ୍ଭ । ପୁରୁଷ ନିକଟେ ଯୁବତୀ ମିଳଲେ ତୁଟଇ ପୁରୁଷ ଆୟୁ । ଦାନକର ଆୟୁ ଘଣ୍ଟକେ ତୁଟଇ ବାଜି ସ୍ତିରି ନାସା ବାୟୁ । ସ୍ତିରିଙ୍କୁ ନ ବୋଲ ପରାଣମଣି ରେ ସ୍ତିରିଙ୍କୁ ନ ବୋଲ ମୋର । ସ୍ତିରିମାୟା ହରି ବ୍ରହ୍ମା ଅଗୋଚର ନ କର ସ୍ତିରିଙ୍କୁ ସାର । ଶୁଣିଥିବୁ କର୍ଣ୍ଣେ ପବନ ପୁରାଣେ ସୀତା ଦୁର୍ଗାଙ୍କ କାହାଣୀ । ସେହି ସ୍ତିରି ଲୋଭେ ରାବଣ ମଲା ରେ ନାଶ ଲଙ୍କା ସ୍ୱର୍ଣ୍ଣଖଣି ।୩୦। ଦେବୀ ଦୁର୍ଗା ଲାଗି କୁମରରମଣୀରେ ମଲା ମହିଷ ଅସୁର । ଚନ୍ଦ୍ରଙ୍କୁ କଳଙ୍କ ଲାଗିଲା ରେ ଧନ କର ତୁ ମନେ ବିସ୍ତର । ଏକାଇ ଦ୍ରୌପଦୀ ଲାଗି ରେ ଗୋବିନ୍ଦ ପାଣ୍ଡବେ ବୁଲିଲେ ବନେ । ପାଞ୍ଚଭାଇ କାଳେ ନାଶଗଲେ ହେଲେ ସେହି ସ୍ତିରିବନ୍ଧୁ ଧନେ । ହଳାହଳ ବିଷଠାରୁ ସ୍ତିରି ବିଷ ଅଧିକ କରି ତୁ ମଣ । ମୋର ମୋର ବୋଲି ନ ବୋଲ ତୁ ତାଙ୍କୁ ନ ପଡ଼ ଖାଲି ଖମାଣ । ସ୍ତିରିମାୟା କାଟ କୁମରରମଣୀ ରେ । ଛୁଣ୍ଡା ସେ ସ୍ନେହ ବନ୍ଧନ । ତେବେ ହେବୁ ବଳା । ଅଜର ଅମର ରଖିବୁ ନାମ ରତନ ॥ ସ୍ତିରି ଧନ ଟଙ୍କା କଉଡ଼ି ଅଧ ରେ ମାଟି ଗୋଡ଼ଠାରୁ ତୁଚ୍ଛ । ଏ ଧନେ ବସିଲେ କୁହୁକେ ପଡ଼ିଲେ ନ ହୋଇବୁ ବାପ ସ୍ୱଚ୍ଛ । ୩୫ । ଯୋଗୀ ନୋହି ଭୋଗୀ ହେଲେ ହେବୁ ରୋଗୀ କାଳେ ଯିବୁ ଯମଥାନେ । ଏ ଧନ ରତନ ରମଣୀ କାଞ୍ଚନ କେହି ନ ଯିବେ ସେ ବେଳେ । ନାରୀ ପାଇଁ ଚିନ୍ତା ନ କର ଧନ ତୁ ପରପାଇଁ ତୁ ନ କାନ୍ଦ । କେହି ନୁହେ କାର ଏ ମାୟା ସଂସାର ଏକା ତୁ ସାହସ ବାନ୍ଧ । ୪

Digitized by srujan ka@gmail.com

ତୋର ବଂଶରେ ପୂର୍ବେ ରେ ଗୋବିନ୍ଦ କେତେ ରାଜା ରାଜ୍ୟ ପାଳି ।
କେଣେ ଗଲେ ଗୃହ ପଡ଼ିଅଛି ଖାଲି ଏହି ବଙ୍ଗଦେଶ ସ୍ଥଳ । ଅଛି
କୋଠାବାଡ଼ି ହାତୀ ଘୋଡ଼ାଗାଡ଼ି ଅଛି ରତ୍ନ ଗନ୍ତାଘର । ସବୁ
ପଡ଼ିଅଛି କେଣେ ଗଲେ ଅହା ଜାଣ ଏସବୁ ଅସାର । ଅସାର
ସଂସାର କେହି ନୁହେ କାର ଶୂନ୍ୟ ଶୂନ୍ୟ ମହାଶୂନ୍ୟ । ଚକ୍ଷୁ ବୁଜି-
ଦେଲେ ସକଳ ଅନ୍ଧାର ଜାଣି ଅରଜ ସୁଜ୍ଞାନ । ମାଟିର ଏ ଘଟ
ମାଟିରେ ମିଶିବ ପବନେ ପବନ ମୂଳ । କେତେ ଅସି କେତେ
ଛରି ଲୀଳା ଖେଳା ଚନ୍ଦ୍ରଛତ୍ର କାଳଅଳ । ଧରମରେ ଥିଲେ
ବଢ଼େ ପରମାୟୁ ପାପ ବରଷକ ମାସେ । ରାଇଜର ପାପ ରାଜା
ମୁଣ୍ଡେ ଯେଣୁ ତେଣୁ ନାଶ ଅଳପେ ସେ । ରାଜଭୋଗ ସ୍ତ୍ରୀସମ୍ଭୋଗ
ଭୋଗ ନୁହେ ଏ ସିନା ଅଜ୍ଞାନପଣ । କାହୁଁ ବା ବାସିବ ଶିମିଳି
ଫୁଲ ସେ ମନ ନେଇ ମୋହେ ଜାଣ । ସୁଜ୍ଞାନ ସାଧିଲେ କୁମରମଣି
ରେ ଅସାର ଭୋଗ ତେଜିବୁ । ଅଜର ଅମର ହୋଇବୁ ରେ ବଳା
କାଳେ ସୁନାମ ରଖିବୁ । କହନ୍ତି ଗୋବିନ୍ଦ ଶୁଣ ଗୋ ଜନନୀ
କଥାଏ କହିବି ତୋତେ । କୋପ ନ କରିବୁ ଚଳି ନ ହୋଇବୁ
ବୁଝାଇ କହିବୁ ମୋତେ । ୪୫ । ଏହି ବଙ୍ଗଦେଶେ ଥିଲେ ଗୋ
ଜନନୀ ଏତେ ବ୍ରହ୍ମଜ୍ଞାନୀ ହୋଇ । ବାନ୍ଧିନେଲା ଯମ କେମନ୍ତେ
ପିତାଙ୍କୁ ନ ରଖିଲୁ ତୁ କିପାଇଁ । ବୋଲନ୍ତି ମୁକୁତା ଶୁଣ ରେ
ଗୋବିନ୍ଦ ଯାହା ପଚାରିଲୁ ମୋତେ । ବୁଝାଇ କହିବି ସଂଶୟ
ନାଶିବ ଯେମନ୍ତେ ଯିବୁ ପରତେ । ତୋ ପିତାର ପାଞ୍ଚ ସହସ୍ର
ବରଷ ଥିଲା ରେ ବଳା ଅୟୁଷ । ମୋ ବୁଦ୍ଧିରେ ମୁହିଁ ବଞ୍ଚାଇଲି
ତାଙ୍କୁ ଅଧିକ ସହସ୍ର ବରଷ ॥ ମୋ ପାଶେ ଡରସି ନ ପାରଇ ପଶି
ଜନ୍ମପଥ ଅତଲେଭେ । ପାଞ୍ଚ ଯାଇ ଛଅସହସ୍ର ଗୃହିଲା ରଖିଥିଲି
ସୁଖେ ଭବେ । ଦିନେକ ଗଙ୍ଗାରେ ବାରୁଣୀ ଯୋଗରେ ଗଲି ମୁଁ
ସ୍ନାହାନ କରି । ପିଣ୍ଡଦାନ ଅନ୍ନଦାନ ଭୂମିଦାନ ଦେଲି ସୁବ୍ରାହ୍ମଣ

Digitized by srujan ka@gmail.com

ବର । ୫୦ । ଗଜ ବନ୍ଦାବନେ ତୋଷି ଧ୍ୟାନଜନେ ଜପୁଥିଲି
ବ୍ରହ୍ମଜ୍ଞାନ । ବ୍ରହ୍ମେ ରଖି ଲକ୍ଷ୍ୟ କୁମରମଣି ରେ କଟାଇଲି ତହିଁ
ଦିନ । ଏକାଳେ ଉଗର ପ୍ରଭୁତେ ହାଜର ହୋଇଣ ଦେଲା
ବାରତା । କି ଧ୍ୟାନ କରୁଛ ପାଟ ମହାଦେଇ ରାଜା ପରଲୋକଗତା ।
କି କଠୋର ତପ କରୁଛ ରାଣୀ ମା ଏଠେ ନିଷ୍ଠକରେ ବସି ।
ରାଜାଙ୍କୁ ଶମନ ବାନ୍ଧ ନେଇଗଲା କି ଫଳ ଏ ତପେ ରସି । ଉଗର
ମୁଖରୁ ଏସନ ଶୁଣିଣ କ୍ଷଣେ ଚକିତ ହୋଇଲି । ଦୁଇ ନୟନରୁ
ଲୋତକ ଗଡ଼ାଇ ଦଣ୍ଡେ ଘଡ଼ିଏ କାନ୍ଦିଲି । ପିନ୍ଧିଥିଲି ମୁହିଁ ସୁନାବାହୁ
ସାଜ ଗଭୀର ଜଳେ ମେଲିଲି । କାହିଁଯିବ ଯମ ନେଇ ମୋ ପତିଙ୍କୁ
ବୋଲି ପଛେ ଗୋଡ଼ାଇଲି । ଯୋଗବଳେ ମୁହିଁ କ୍ଷଣକ ମଧ୍ୟରେ
ମିଳିଲି ଯମ ନଗରେ । ଖୋଳା ବାଟ ହାଟ ଘାଟ ବଜାର ମୁଁ
ପହଞ୍ଚିଲି ସିଂହଦ୍ୱାରେ । କଂସାର କବାଟ ଲାଗିଛି ସେ ଦ୍ୱାରେ
ବଜ୍ରଠୁଁ ବଡ଼ କଠିନ । ବାମହାତେ ପେଲିଦେଲି ରେ କୁମର
ଭିତରେ ଗଲି ପଶିଣ । କେତେ କେତେ ଚଜ ବଚଜ ବଚଣ
ଦେଖି ଝଲକିଲା ଆଖି । ଅସ୍ଥାନ ଉପରେ ବସିଛି ଦମ୍ଭରେ ଦେଖିଲି
ଯମେ ନିରେଖି । କଳାମେଘ ପରି ନୀଳବସ୍ତ୍ର ଘେରି ଅଚଳ ଶରୀର
ବହି । ଗୋଦଣ୍ଡ ଗୋଡ଼ ତା ଦକ୍ଷିଣ ଚକ୍ଷୁ ତା ନାହିଁ ଥିରେ
ଗୋବନ୍ଦାଇ । ଚମ-ଗଦା-ଗୋଠା କନ୍ଧେ ପକାଇଛି ହେବ ତରଣ
ମହଣ । ଲୁହାଠେଙ୍ଗା ଏକ ସମ୍ମୁଖେ ରଖିଛି ବାଷଠି ମହଣ ଜାଣ ।
ଯେତେ କାଳପାଶ ଚଖିଣ ତା ପାଶ ବସିଛନ୍ତି ମଥା ନୁଆଁଇ । ବାର
ହାତ ଲମ୍ବ ଖାଙ୍କର ତା କେଶ ଉଡ଼େ ଫରଫର ହୋଇ । ଯମର
ବାହନ ମଇଁଷି ରେ ବଳା ଅତି ଭୟଙ୍କର ରୂପ । ସେଠା ତା
ପାରୁଶେ ଛୁଡ଼ା ହୋଇଅଛି ଦେଖି ବଢ଼ିଲା ମୋ କୋପ । ଯମ
ଅନୁରୂପ ସେ ମଇଁଷି ରୂପ କି କହିବ ରେ କୁମର । ଲମ୍ବ ନାକ
ଭୋଠା ବଲ୍ଲଅ ମୁହଁକୁ ଦଶେ ଯାହା କି ସୁନ୍ଦର । ଅଛି ବାଲକେଶ

Digitized by srujan ka@gmail.com

ଭିଡ଼େ ଫରଫର ବାନ୍ଧନ୍ତି ତାକୁ ସଙ୍ଗାଡ଼ି । ଏମାନ ଦେଖିଣ କୁମର-
ମଣି ରେ ହେଲି ଦାନ୍ତ କଡ଼ମଡ଼ । ଏମାନ ଶୁଣି ତୁ ପରତେ ନ
ଯିବୁ ପ୍ରତ୍ୟକ୍ଷେ ଦେଖିଛୁ ଜେବେ । ଯମ ସିଂହଦ୍ୱାରେ ଅଛନ୍ତି
ଡାହାଣୀ ଦନ୍ତ ବହୁ ବାରହାତେ । ଦେଖିଲି ତୋ ପିତା ଯମଆଗେ
ପୃଥା ଠିଆ କରିଛନ୍ତି ବାନ୍ଧିଣ । ଦେଖି ଏ ସକଳ ହେଲି ମୁଁ ଚଞ୍ଚଳ
ଜଳିଲା କ୍ରୋଧ ବହ୍ନି । ତୋ ପିତା ବନ୍ଧନ ହେବାର ଦେଖି ମୁଁ
ମନେ ବହୁ ଗୁରୁତାପ । ସ୍ୱହସ୍ତେ ବନ୍ଧନ ଦେଲି ମୁଁ ଫିଟାଇ ବଢ଼ିଲା
କ୍ରୋଧ ଅମାପ । ତହୁଁ ସେ ଚମର ଦଉଡ଼ି ଧରି ମୁଁ ବୃଦ୍ଧଯମକୁ
ମାଇଲି । ନାନା ଗାଳିଦେଇ ଭର୍ତ୍ସନା କରିଣ ସଗେ ଦଣ୍ଡେ ଉଭା
ହେଲି । ମାଡ଼ଖାଇ ଯମ ବୋଇଲା ମୋତେ ରେ ଶୁଣ ତୁ ମୁକୁତା
ଦେଈ । ଅକାରଣେ କପା ମାରୁଅଛୁ ମୋତେ ବୁଝ କଥା ମନ
ଦେଇ । ରାଜାର ଅୟୁଷ ପୂରିଲା ମୁକୁତା ଦୂତେ ମୋ ବାନ୍ଧି ଅଣିଲେ ।
ଅୟୁଷ ଥିଲେ ତା ଘଡ଼ିଏ ନିମିଷେ ଅଣି ନ ପାରନ୍ତି ଭଲେ । ଏ
କଥାକୁ ମିଛ ମଣୁ ଯେବେ ତୁହି ଦେଖ ତାର ପାଞ୍ଜି ଫେଡ଼ି ।
ସତ ମିଛ ଦେଖି ଦଣ୍ଡ ଦିଅ ତୁହି କହୁଛି ମୁଁ କରଯୋଡ଼ି ।
ଯେବେ ତା ଅୟୁଷ ଥିଲେଟି ମୁକୁତା ଶହେ ବରଷକୁ ଦେବ ।
ନିମିଷେ ଥିଲେଟି ବରଷେ ଛ ମାସେ ନ ଥିଲେ କାହୁଁ ଅଣିବ ।
ଯମର ଦମ୍ଭିମା ଉତ୍ତର ଶୁଣି ମୁଁ ଆଉ କିଛି ନ କହିଲି । ଚିତ୍ରଗୁପ୍ତ
ହାତୁଁ ପାଞ୍ଜି ପତ୍ର ବଡ଼ା ବଳେ ଛଡ଼ାଇ ଅଣିଲି । ପଢ଼ିଲି
ପିତାର ପାଞ୍ଜି ପତ୍ର ଯାହା ଯମ କହେ ନୁହେ ମିଛ ।
ସେହିଠାରେ ତୋର ପଢ଼ିଲି ପାଞ୍ଜି ମୁଁ ଯାହା କହୁଅଛି ସ୍ୱଚ୍ଛ ।
ଲେଖିଛନ୍ତି ପାଞ୍ଜିରେ ପାଞ୍ଚ ବରଷରେ ପୂରିଲା ଯେ ଦିନ ତୋତେ ।
ଆଉ ଅଳ୍ପ ଦିନେ ଚଳିବୁ ବାବୁ ରେ ଯମ ଭୁବନେ ତୁରିତେ ।
ତୋ ପାଞ୍ଜି ପଢ଼ି ମୁଁ ତାଟକା ହୋଇଣ ଲମ୍ଫଟେ ମାଇଲି
ଜବ । ଧିକ ମୋ ଜୀବନ ଧିକ ପୁରୁଷପଣ ନ ଶିଖାଇଲି ଯା ସାର ।

Digitized by srujan ka@gmail.com

ଟଳଟନେ ଲୋତକ ପୂରିଲା ମୋର ରେ ଯମପୁର ଉପେକ୍ଷିଲି ।
କର୍ମକୁ ନିନ୍ଦଣ ସାହସ ବାନ୍ଧଣ ଉପାୟ ପନ୍ଥା ଖୋଜିଲି । ୭୭ ।
କି ବୁଦ୍ଧି କରିବ ମରିବ କୁମର କେନ୍ତେ ହେବ ଅଜାମର । ମନେ
ପାଞ୍ଚ ସ୍ଥିର କଲି ରେ ଗୋବିନ୍ଦ ଯୋଗୀଦୀକ୍ଷା ଭବେ ସାର ।
ବେଳହୁଁ ଉପାୟ କର ଅରେ ବଳା ପାଣି ଥାଉଁ ବନ୍ଧ ବାନ୍ଧ ।
ଗଡ଼ିଗଲେ ବେଳ ବହିଗଲେ ଜଳ ବାନ୍ଧିନେବ ଯମ ଅନ୍ଧ । ୭୯ ।
ପିଣ୍ଡ ନାରଖାର ହେବ ରେ କୁମର ଉଡ଼ିଗଲେ ହଂସ ପକ୍ଷୀ । ମାନ
ମୋର ବୋଲ ତେଜ ଏ ସକଳ ମନ୍ତ୍ର ସଂଶୟ ଉପେକ୍ଷି । ୮୦ ।
ବାଳୁତ କାଳରେ ମୋ ପିତା ଅଳରେ ଥିଲି ଯେତେବେଳେ ମୁହିଁ ।
ବାନ୍ଧିଥିଲି ବନ୍ଧ ତେଣୁ ଏତେ ବେଳେ ଯମେ ପ୍ରହାରିଲି ଯାଇଁ ।୮୧।
ଏବେ ତୁ ସୁମନେ ବନ୍ଧ ବାନ୍ଧ ବାବୁ ଯୁଗ ଯୁଗକୁ ରହିବୁ । କି
କରିବ ତୋର ସ୍ଥିର କାଳ ଯମ ମୋ କଥା ପଛେ ହେଜିବୁ । ୮୨ ।
ମୀନ ସିନା ଜାଣେ ଗମ୍ଭୀର ଜଳ ରେ ମାତା ଜାଣେ ପୁତ୍ରମନ ।
ଯେ ପକ୍ଷୀ ଉଡ଼ଇ ଯେତେ ଦୂର ବଳା ସେ କହେ ତା କଥା ମାନ ।
ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି ମନ କଥା କେ ନ ଜାଣେ ।
ଏକା ଗର୍ଭଧାରୀ ପୁତ୍ରର ବେଦନା ଜାଣଇଟି ନିତଦନେ ।୮୪। ମୋ
ଅଗେ କୁମର ହେଲେ ମୃତ୍ୟୁ ତୋର କାନ୍ଦିବ ଯୁଗ ଯୁଗକୁ । କେ
କାନ୍ଦିବ ଦିନା ଗୃହ ରେ ଗୋବିନ୍ଦ କେ କାନ୍ଦିବ ଛ ମାସକୁ । ୮୫ ।
ଘରଣୀ କାନ୍ଦିବ ଜନ୍ମ ଦିନ ଧନ ପରେ ମନ ଯିବ ଭୁଲି । ସଖା ବନ୍ଧୁ
ଭାଇ କାନ୍ଦିବେ ଥୋକାଏ କୁଟୁମ୍ବ ହୋଇଣ ମେଳି । ୮୬ ।
ବେଦମା ଗୋଦମା ପାଟରାଣୀ ତୋର କରିଛୁ ଗଳାର ହାର । ସେ
କି ସଙ୍ଗେ ତୋର ଯିବେ ରେ କୁମର ମିଛ ମାୟା ଏ ସଂସାର ।
ଅସିଅଛୁ ଏକା ଯିବୁ ଦିନେ ଏକା କେହୁ ତୋ ସଙ୍ଗେ ନ ଯିବେ ।
ଦେଇଥିବୁ ଯାହା ଦାନରୂପେ ତାହା ପଥକୁ ସଙ୍ଖାଳି ଲବେ ।।୮।
ହିପୂଚନ୍ଦ୍ର ରଜା ଥିଲେ ତୋ ଦାଦରେ ଯୁବାକାଳେ ଗଲେ ତେଜି ।

Digitized by srujan ka@gmail.com

ଗଳାରେ ଦଉଡ଼ି ଦେଇ ଯମଦୂତେ ଧରି ନେଲେ ତାଙ୍କୁ ପାଇ ।୮୯। ଏ ଭବେ ଅମର କେ ତୁହେ ତୁମର ଜନମ ଅଛଇ ମିଛ । ମରଣକୁ ସାର କରି ରେ ଗୋବିନ୍ଦ ଭଜ ଗୁରୁନାମ ସ୍ୱଚ୍ଛ । ୯୦ । ଗୁରୁଟି ସାକ୍ଷାତେ ଗୋବିନ୍ଦ ଅଟନ୍ତି ତୁହି ତୁହି ହେତୁ ଶବେ । ଗୁରୁ କୃପା ବଳେ ଅମର ହୋଇବୁ ଦେଖିବୁ ଶ୍ରୀଜଗନ୍ନାଥେ । ୯୧ । ଏହି ବଙ୍ଗ ଦେଶେ ତାରାଚନ୍ଦ୍ର ମେରୁ-ଚନ୍ଦ୍ର ବିଷ୍ଣୁ-ଚନ୍ଦ୍ର ରାଜା । ରାଜପଣ କରି କେହି ନ ରହିଲେ ଧରିନେଲେ ଯମପ୍ରଜା । ୯୨ । ମୋର ବୋଲ କର ବାପ ରେ ଗୋବିନ୍ଦ ଚଳିଯାଅ ଯୋଗୀ ହୋଇ । କାଳକୁ ଘୁଞ୍ଚାଅ ଏହି ଦେହେ ରହି କାଳକ ଅମରଦେହୀ । ୯୩ । ମାତା ସାଧେ ପୁଅହିତ ପିନା ବଳା ଅହିତ ପାଞ୍ଚେ ବିମାତା । ମୁହିଁ ଗର୍ଭଧାରୀ ହିତ କହୁଅଛି ତୁଣ୍ଡେ ଯୋଗୀ ହୁଅ ପୁତା । ୯୪ । ମାତାର ବଚନ ଶୁଣି ଶ୍ରୀ ଗୋବିନ୍ଦ ମନେ ଅନନ୍ଦ ହୋଇଲେ । ହାଡ଼ି ହାଡ଼ିପାଙ୍କୁ ଶ୍ରୀଗୁରୁ କରିଣ ତାଙ୍କ ଅଜ୍ଞାରେ ଚଳିଲେ । ୯୫ । ରାଜତନ୍ତ୍ର ବଳା ପାଲଟଇ ଖିରେ ଯୋଗୀ ବେଶେ ବେଶ ହୋଇ । ନାନା କଷ୍ଟ ଲଭି ବ୍ରହ୍ମଜ୍ଞାନ ସାଧି ଅମର କରିଲେ ଦେହୀ । ୯୬ । ଧନ୍ୟ ସେ ହାଡ଼ିପା ହାଡ଼ିକୁଳେ ଜନ୍ମି ସିଦ୍ଧ ପୁରୁଷରେ ଗଣା । ଧନ୍ୟା ସେ ମୁକୁତା ତ୍ରିଜଗତଜିତା ଯମକୁ ଦେଲା ଗଞ୍ଜଣା । ୯୭ । ଧନ୍ୟ ସେହି ମାତା ଧନ୍ୟ ତା ମମତା ପୁତ୍ରେ ଯୋଗୀ କରାଇଲା । ଧନ୍ୟ ସେ ଗୋବିନ୍ଦ ସାକ୍ଷାତେ ଗୋବିନ୍ଦ ଅନ୍ତିମେ ପାଲଟି ଗଲା । ସେ ହାଡ଼ିପା ଗୁରୁ ତୁହାରେ ମୁଁ ଦୂରୁ ଅଜ୍ଞାନ ବାଳକ ମୁହିଁ । ଦେଶୀୟ ଭାଷାରେ ପଦ ପ୍ରବନ୍ଧରେ ଦୀନ ଗୋପୀନାଥ କହି । ୯୯ ।

ସ ମା ପ୍ତ

ମୁଦ୍ରାକର—ଶ୍ରୀ ଲକ୍ଷ୍ମୀଧର ଗରବଡ଼ୁ, ଶ୍ରୀରାଧାରମଣ ପ୍ରେସ୍,
କଟକ—୧୯୫୮

Digitized by srujan ka@gmail.com

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକସବୁ ବହସ୍ୱ ଜମିତ୍ର ଗଚ୍ଛିତ ଅଛି । ବନ୍ଧା ଗୁଡ଼ିକ
ସୁନ୍ଦର ଛପା ସରସ କାଗଜ ଓ ନାନାଦି ଚିତ୍ର
ଶୋଭିତ । ଅଗ୍ରିମ ସହ ଅର୍ଡ଼ର ପଠାଇଲେ
ଉଚିତ କମିଶନ ଦିଆଯାଏ ।

ଶ୍ରୀମଦ୍ଭାଗବତ ୧ ସେଟ୍	ଟ ୧୦ <
ବତିଶ ସିଂହାସନ	ଟ ୧ ।
ବେତାଳ ପଞ୍ଚବିଂଶତି	ଟ ୧ <
ବିଦଗ୍ଧ ଚିନ୍ତାମଣି	ଟ ୪ <
ଛନ୍ଦ ରତ୍ନାକର	ଟ ୧ <
ବାଲ୍ମୀକି ରାମାୟଣ ୧ ସେଟ୍	ଟ ୧୪ <
ନୃସିଂହ ପୁରାଣ ୧ ସେଟ୍	ଟ ୧୨ <
ଅବୋଲକର କାହାଣୀ ୧ ସେଟ୍	ଟ ୩ <
ଝୁଲଣା ସୁଦଶା	ଟ ୧ <
ମଥୁରାମଙ୍ଗଳ	ଟ ୦ ୳
ମାର୍କଣ୍ଡେୟ ପୁରାଣ	ଟ ୨ ୳
କାର୍ତ୍ତିକ ମାହାତ୍ମ୍ୟ	ଟ ୧ <
ମାଘ ମାହାତ୍ମ୍ୟ	ଟ ୧ <
ଦାର୍ଢ୍ୟତାଭକ୍ତି ୧ମ	ଟ ୧ <
,, ୨ୟ	ଟ ୧ ୳
,, ୩ୟ	ଟ ୩ <
ସଜ୍ଜନବିନୋଦ	ଟ ୧ ୳

ପ୍ରାପ୍ତିସ୍ଥାନ—

ଶ୍ରୀରାଧାରମଣ ପୁସ୍ତକାଳୟ

ବାଲୁବଜାର, କଟକ—୨

Digitized by srujan ka@gmail.com